ଉପ-ବିଭାଗୀୟ ନିରୀକ୍ଷକ (ଡାକ) ଏବଂ ଅନ୍ୟମାନେ

ବନାମ

କେ. କେ. ପଭିଥରନ୍

ସେପ୍ଟେମ୍ବର 30, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଡାକ ଏବଂ ଟେଲିଗ୍ରାଫ ଅତିରିକ୍ତ ବିଭାଗୀୟ ପ୍ରତିନିଧି (ଆଚରଣ ଏବଂ ସେବା) ନିୟମାବଳୀ, 1964:*

*ନିୟମ 8 – ଅତିରିକ୍ତ ବିଭାଗୀୟ ପ୍ରତିନିଧି – ମନ୍ଦ ଆଚରଣ – ବିଭାଗୀୟ କାର୍ଯ୍ୟବିଧି – ଚାକିରିରୁ ଅପସାରଣ – ଦଣ୍ଡର ପରିମାଣ ଉପରେ ପୁନର୍ବିଚାର ପରେ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶରେ ଅପିଲକାରୀଙ୍କୁ ପୁନଃପଦସ୍ଥୀକରଣ କରାଯାଇଥିଲା – ବକେୟା ମଜୁରି ପାଇଁ ଦାବି – ନ୍ୟାୟାଧିକରଣ ଦାବିକୁ ଅନୁମତି ଦେଇଥିଲେ – ଦର୍ଶାଯାଇଛି ଦଣ୍ଡ ଲାଗୁ କରିବା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ବିବେକିତାର ବିଷୟ ଅଟେ – ବିବେକିତା ସଠିକ ଭାବରେ ପ୍ରୟୋଗ କରାଯିବ – ଅପସାରଣ ଦଣ୍ଡକୁ କମ୍ ଦଣ୍ଡ ସହିତ ପୁନଃପଦସ୍ଥୀକରଣରେ ରୂପାନ୍ତରିତ କରାଯାଇଥିବାରୁ, ନ୍ୟାୟାଧିକରଣ ବକେୟା ମଜୁରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାରେ ସଠିକ ନଥିଲେ ଯେହେତୁ ଉତ୍ତରଦାତା ମନ୍ଦ ଆଚରଣ ପାଇଁ ଦାୟୀ ବୋଲି ଜଣାପଡ଼ିଲେ ।*

*ରାଜସ୍ଥାନ ରାଜ୍ୟ ସଡ଼କ ପରିବହନ ନିଗମ ବନାମ ଭାଗ୍ୟ ମଲ ଏବଂ ଅନ୍ୟମାନେ,* **[1994] Supp. 1 SCC 573.**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 13115-16/1996 ।

ଓ. ଏ. ସଂଖ୍ୟା 787/94 ଏବଂ ଆର. ଏ. ସଂଖ୍ୟା 2/1996 ରେ କେରଳର ଏର୍ଣ୍ଣାକୁଲମସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 5.12.95 ଏବଂ 20.02.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ. ଏସ୍. ନାମ୍ବିଆର, ଟି. ସି. ଶର୍ମା ଏବଂ ସି. ଭି. ଏସ୍. ରାଓ ।

ଉତ୍ତରଦାତାଙ୍କ ପାଇଁ କେ. ଏମ୍. କେ. ନାୟାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲି ।

6 ଜୁନ୍, 1985 ରେ ପି ଏବଂ ଟି ଅତିରିକ୍ତ ବିଭାଗୀୟ ପ୍ରତିନିଧି (ଆଚରଣ ଏବଂ ସେବା) ନିୟମାବଳୀ, 1964 ର ନିୟମ 8 ଅନୁଯାୟୀ କର୍ତ୍ତବ୍ୟରୁ ଅସ୍ଥାୟୀ ଅନୁପସ୍ଥିତିର ମନ୍ଦ ଆଚରଣ ପାଇଁ ଅତିରିକ୍ତ-ବିଭାଗୀୟ ପ୍ରତିନିଧି ଭାବରେ ସେବା କରୁଥିବା ସମୟରେ ଉତ୍ତରଦାତାଙ୍କୁ ଦୋଷାରୋପ କରାଯାଇଥିଲା । 1986 ମସିହା ମାର୍ଚ୍ଚ 31 ତାରିଖର ଆଦେଶ ଅନୁଯାୟୀ, ତଦନ୍ତକୁ ବାତିଲ କରାଯାଇଥିଲା ଏବଂ ସାନି ତଦନ୍ତ କରାଯାଇଥିଲା । ପରେ, ବିଭାଗୀୟ ତଦନ୍ତ କାର୍ଯ୍ୟବିଧି ସମାପ୍ତ ହେବା ପରେ, 9 ଜୁଲାଇ, 1990 ତାରିଖର ଆଦେଶ ଦ୍ୱାରା, ଉତ୍ତରଦାତା ଚାକିରିରୁ ବହିଷ୍କୃତ ହୋଇଥିଲେ । ସେ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରିଥିଲେ । 1992 ମସିହା ମଇ 28 ତାରିଖର ଆଦେଶ ଅନୁସାରେ, ଦଣ୍ଡର ପ୍ରକାର ଉପରେ ପୁନର୍ବିଚାର ପାଇଁ ନ୍ୟାୟାଧିକରଣ ଏହି ମାମଲାକୁ ପୁନଃପ୍ରେରଣ କରିଥିଲେ । ସେହି ଆଦେଶକୁ ଏହି ନ୍ୟାୟାଳୟରେ ଅସଫଳ ଭାବରେ ଆପତ୍ତି କରାଯାଇଥିଲା ଏବଂ ଏହା ଚୂଡ଼ାନ୍ତ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ, ଯେତେବେଳେ ଅପସାରଣ ଆଦେଶ ପୁନର୍ବାର ପାରିତ ହୋଇଥିଲା, ଏହାକୁ ନ୍ୟାୟାଧିକରଣରେ ଆପତ୍ତି କରାଯାଇଥିଲା । ନ୍ୟାୟାଧିକରଣ 1993 ମସିହା ସେପ୍ଟେମ୍ବର 4 ତାରିଖର ଆଦେଶ ଦ୍ୱାରା କାର୍ଯ୍ୟବିଧିକୁ ନାକଚ କରିଦେଇଥିଲେ ଏବଂ ସଂଶୋଧିତ ନିୟମାବଳୀ ଆଧାରରେ ଦଣ୍ଡର ପରିମାଣ ଉପରେ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁନର୍ବାର, ଏହି ନ୍ୟାୟାଳୟ ସମ୍ମୁଖରେ ସ୍ୱତନ୍ତ୍ର ଅନୁମତି ଆବେଦନରେ ଏହାକୁ ଆପତ୍ତି କରାଯାଇଥିଲା ଯାହା ଖାରଜ ହୋଇଯାଇଥିଲା । ଫଳସ୍ୱରୂପ ଉତ୍ତରଦାତାଙ୍କୁ ପୁନଃପଦସ୍ଥୀକରଣ କରାଯାଇଥିଲା । ସେ ପୁନର୍ବାର ଏକ ଆବେଦନ ଦାଖଲ କରିଥିଲେ । ଓ. ଏ. ସଂଖ୍ୟା 787/94 ରେ 5 ଡିସେମ୍ବର, 1995 ରେ ଦିଆଯାଇଥିବା ଆକ୍ଷେପିତ ଆଦେଶରେ ନ୍ୟାୟାଧିକରଣ ବକେୟା ମଜୁରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ।

*ରାଜସ୍ଥାନ ରାଜ୍ୟ ସଡ଼କ ପରିବହନ ନିଗମ ବନାମ ଭାଗ୍ୟ ମଲ ଏବଂ ଅନ୍ୟମାନେ*, [1994] Supp. 1 SCC 573 ରେ ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଉଚ୍ଚ ନ୍ୟାୟାଳୟ ଏହା ଜାଣିବାକୁ

ପାଇଥିଲେ ଯେ, ଉତ୍ତରଦାତା-କର୍ମଚାରୀ ତାଙ୍କ ମନ୍ଦ ଆଚରଣ କାରଣରୁ ଦଣ୍ଡ ପାଇବାକୁ ଯୋଗ୍ୟ, ଏବଂ କମ ଦଣ୍ଡ ପ୍ରଦାନ କରିଥିଲେ ମଧ୍ୟ ଏହା ବକେୟା ମଜୁରୀ ମଞ୍ଜୁର କରିବାକୁ ଦାୟୀ ନୁହନ୍ତି ବିଶେଷ କରି ଯେତେବେଳେ ନ୍ୟାୟାଧିକରଣ ବରଖାସ୍ତ ଆଦେଶକୁ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ସହ ଦୁଇଟି ବୃଦ୍ଧିକୁ ବନ୍ଦ କରିବାରେ ରୂପାନ୍ତରିତ କରିଥିଲେ । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସେହି ପରିଣାମ ପାଇଁ ରଦ୍ଦ କରିଦିଆଯାଇଥିଲା । ବର୍ତ୍ତମାନ ଏହା ସ୍ଥିରୀକୃତ ଆଇନ ଯେ, ଦଣ୍ଡ ଲାଗୁ କରିବା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ବିବେକିତାର ବିଷୟ ଅଟେ । କିନ୍ତୁ କର୍ତ୍ତୃପକ୍ଷ ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ପରିସ୍ଥିତିକୁ ଧ୍ୟାନରେ ରଖି ଉପଯୁକ୍ତ ଭାବରେ ବିବେକିତାର ପ୍ରୟୋଗ କରିବେ ବୋଲି ଆଶା କରାଯାଏ । ଏହି ମାମଲାରେ, ଉତ୍ତରଦାତା ଅସ୍ଥାୟୀ ଭାବରେ କର୍ତ୍ତବ୍ୟରୁ ଅନୁପସ୍ଥିତ ଥିବାରୁ ଅପସାରଣର ଦଣ୍ଡ ନ୍ୟାୟସଙ୍ଗତ ନୁହେଁ ବୋଲି ଦର୍ଶାଯାଇଥିଲା । କିନ୍ତୁ ବରଖାସ୍ତ ଆଦେଶକୁ କମ୍ ଦଣ୍ଡ ସହିତ ପୁନଃପଦସ୍ଥୀକରଣରେ ପରିଣତ କରାଯିବା ପରେ, ପ୍ରଶ୍ନ ଉଠୁଛି ଯେ, ଉତ୍ତରଦାତା ବକେୟା ମଜୁରି ପାଇବାକୁ ହକଦାର କି ? ନ୍ୟାୟାଧିକରଣ ବକେୟା ମଜୁରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାରେ ସଠିକ ନଥିଲେ, କାରଣ ଉତ୍ତରଦାତା ମନ୍ଦ ଆଚରଣ ପାଇଁ ଦାୟୀ ବୋଲି ଜଣାପଡ଼ିଲେ ଯଦିଓ କମ ଦଣ୍ଡ ଲାଗୁ କରାଯାଇଥିଲା । ଏହି ପରିସ୍ଥିତିରେ ଏବଂ ଉପରୋକ୍ତ ରାୟକୁ ଅନୁସରଣ କରି, ଆମେ ଦର୍ଶାଉଛୁ ଯେ, ଉତ୍ତରଦାତା ବକେୟା ମଜୁରି ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ